ସୀମା

ବନାମ

ଅଶ୍ୱିନୀ କୁମାର

ଏପ୍ରିଲ 15,2005

[ଅରିଜିତ ପଶାୟତ ଏବଂ ଏସ୍. ଏଚ୍. କାପାଡିଆ, ନ୍ୟାୟମୂର୍ତ୍ତିଦ୍ୱୟ ]

*ପାରିବାରିକ ଆଇନ :*

*ବିବାହର ନଥି -ବିବାହର ତାରିଖ ଏବଂ ବିବାହର ପକ୍ଷମାନେ -ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାଧିକୃତ ଅଧିକାରୀମାନଙ୍କ ଦ୍ୱାରା ରଖାଯିବାକୁ ଥିବା ନଥି - ଆଇନ ପ୍ରଣୟନର ଆବଶ୍ୟକତା -ଅଦାଲତ ରାଜ୍ୟ ସରକାରଙ୍କୁ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶନାମା ଜାରି କରିବା ଉପରେ ବିଚାର କରିବାକୁ ପରାମର୍ଶ ଦେଇଛନ୍ତି ଯାହା ଏହି ପ୍ରସଙ୍ଗରେ ଉପଯୁକ୍ତ ଆଇନ ପ୍ରଣୟନ ନହେବା ପର୍ଯ୍ୟନ୍ତ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁଯାୟୀ ପ୍ରବର୍ତ୍ତନକ୍ଷମ ହୋଇପାରିବ, -ଆଇନ ପ୍ରଣୟନ- ଆବଶ୍ୟକତା-ପ୍ରସ୍ତାବିତ ।*

ଦେୱାନୀ ମୂଳ ଅଧିକାରିତା :2005 ର ସ୍ଥାନାନ୍ତର ଆବେଦନ (ସି) ସଂଖ୍ୟା 291

ଆବେଦନକାରୀଙ୍କ ପାଇଁ ବଳରାଜ ଦେୱାନ ।

ନ୍ୟାୟାଳୟର ନିମ୍ନଲିଖିତ କାର୍ଯ୍ୟାନୁଷ୍ଠାନ/ଆଦେଶ ପ୍ରଦାନ କରାଯାଇଥିଲା :

## ଆଦେଶ

ସୂଚନା ଜାରି କରନ୍ତୁ ।

.

ଏକପକ୍ଷୀୟ ସ୍ଥଗିତାଦେଶ ପାଇଁ ମଧ୍ୟବର୍ତ୍ତୀ ଆବେଦନ ଉପରେ ସୂଚନା ଜାରି କରନ୍ତୁ ।

ଅଶ୍ୱିନୀ କୁମାର ବନାମ ସୀମା ଶୀର୍ଷକ 2004ର ବୈବାହିକ ମକଦ୍ଦମା ସଂଖ୍ୟା 104ରେ କାର୍ଯ୍ୟାନୁଷ୍ଠାନ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ରହିବ, ଯାହା ଦିଲ୍ଲୀର ବିଦ୍ୱାନ ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ସମ୍ମୁଖରେ ବିଚାରାଧୀନ ରହିଛି ।

ଏହି ଆବେଦନ ଉପରେ ଶୁଣାଣି ବେଳେ ଆମ ଦୃଷ୍ଟିରେ ବିବାହର ତାରିଖ ଓ ବିବାହରେ ଯୋଗ ଦେଇଥିବା ବ୍ୟକ୍ତିଙ୍କ ସମ୍ପର୍କରେ କୌଣସି ନଥି ନଥିବାରୁ ଏଭଳି ସମସ୍ୟା ଉପୁଜିଛି ଯାହାର ସୁଦୂରପ୍ରସାରୀ ପରିଣାମ ରହିଛି । ତେଣୁ, ଆମେ ବିଦ୍ୱାନ ସଲିସିଟର୍ ଜେନେରାଲଙ୍କୁ ଅନୁରୋଧ କରୁଛୁ ଯେ ଏହି ନ୍ୟାୟାଳୟର ନିର୍ଦ୍ଦେଶ ଆଧାରରେ, ବିଭିନ୍ନ ରାଜ୍ୟ ଏବଂ ସ୍ୱୟଂ ଶାସିତ ଅଞ୍ଚଳକୁ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶ ମାଧ୍ୟମରେ ସରକାରୀ ଆଦେଶ ଜାରି କରାଯାଇପାରିବ କି ନାହିଁ, ବିଶେଷ କରି ବିବାହର ନଥି ରଖିବା ପାଇଁ ପ୍ରାଧିକୃତ ଅଧିକାରୀମାନଙ୍କୁ ଯାହା ଦ୍ୱାରା ଆବଶ୍ୟକ ହେଲେ ସେମାନଙ୍କୁ ବିଭିନ୍ନ କାର୍ଯ୍ୟାନୁଷ୍ଠାନରେ ପ୍ରମାଣ ଭାବରେ ରଖାଯାଇପାରିବ । ବିଦ୍ୱାନ ସଲିସିଟର ଜେନେରାଲ କହିଛନ୍ତି ଯେ ସରକାରୀ ଆଦେଶ/କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶାବଳୀ ପ୍ରଭାବିତ ହୋଇନପାରେ, ତେଣୁ ଏ ଦିଗରେ ଏକ ଉପଯୁକ୍ତ ଆଇନ ପ୍ରଣୟନର ଆବଶ୍ୟକତା ପଡ଼ିପାରେ । ଆମର ମତ ହେଉଛି ଯେ ଏକ ଉପଯୁକ୍ତ ଆଇନ ପ୍ରଣୟନ ନହେବା ପର୍ଯ୍ୟନ୍ତ, ଏହି ନ୍ୟାୟାଳୟର ଆଦେଶ ଅନୁଯାୟୀ ସରକାରୀ ଆଦେଶ/କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକୁ ପ୍ରବର୍ତ୍ତନୀୟ କରାଯାଇପାରିବ । ଯେଉଁଠାରେ ବିବାହ ନଥିଲେଖା/ପଞ୍ଜିକରଣ ପାଇଁ କୌଣସି ବୈଧାନିକ ବ୍ୟବସ୍ଥାପତ୍ର ନାହିଁ, ଏବଂ ଯେତେବେଳେ ଏପରି କୌଣସି ବ୍ୟବସ୍ଥାପତ୍ର ଥାଏ ସେତେବେଳେ ଏକ ଅତିରିକ୍ତ ପଦକ୍ଷେପ ଭାବରେ କରାଯାଇପାରିବ ।

ଆମେ ଏହି ପ୍ରସଙ୍ଗରେ ଆମକୁ ସହାୟତା କରିବା ପାଇଁ ବରିଷ୍ଠ ଶ୍ରୀଯୁକ୍ତ ରଞ୍ଜିତ କୁମାର, ବରିଷ୍ଠ ଅଧିବକ୍ତାଙ୍କୁ ମଧ୍ୟ ଅନୁରୋଧ କରିଛୁ । ସଲିସିଟର ଜେନେରାଲ ଯଦି ଭାବନ୍ତି ଏବଂ ଯଦି ସେପରି ପରାମର୍ଶ ଦିଆଯାଏ, ତେବେ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିପାରିବେ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ତାଙ୍କ ସମ୍ମୁଖରେ ଏବଂ ଏହି ଅଦାଲତ ସମ୍ମୁଖରେ ଏହି ସମ୍ବନ୍ଧରେ ସେମାନଙ୍କର ମତାମତ ରଖିବେ ଯାହା ଦ୍ଵାରା ଉପଯୁକ୍ତ ନିର୍ଦ୍ଦେଶ ଜାରି କରାଯାଇପାରିବ । ଏହି ପ୍ରସଙ୍ଗରେ ଆବଶ୍ୟକ ପଦକ୍ଷେପ ପାଇଁ ଆମର ଆଦେଶର ଏକ କପି ବିଦ୍ଵାନ ସଲିସିଟର ଜେନେରାଲ ଏବଂ ଶ୍ରୀ ରଞ୍ଜିତ କୁମାର, ବରିଷ୍ଠ ଅଧିବକ୍ତାଙ୍କୁ  ହସ୍ତାନ୍ତର କରାଯାଉ ।

ଆର୍. ପି. ସୂଚନା ଜାରି ହେଲା ।

**ଅସ୍ଵୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ ।  ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**
ସ୍ୱିଡିଲ୍ ନାୟକ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।